# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**13 October – 2024**

**News Editor : *Itishree Singh Rathaur***

---

# ଦଶହରା-ରାବଣପୋଡି

ଅସତ୍ୟ ଉପରେ ସତ୍ୟ, ଅଧର୍ମ ଉପରେ ଧର୍ମ, ଅନ୍ୟାୟ ଉପରେ ନ୍ୟାୟ ଓ ପାପ ଉପରେ ପୂଣ୍ୟର ବିଜୟର ନିଦର୍ଶନ ସ୍ୱରୂପ ପ୍ରଭୁ ଶ୍ରୀରାମଙ୍କ ବିଜୟକୁ ସ୍ମରଣ କରି ଆଜି ବିଜୟାଦଶମୀ ପର୍ବ ପାଳନ କରାଯାଉଛି । ଦେବୀପୀଠ ଗୁଡ଼ିକରେ ଆଜି ବିଶ୍ରାମ ପାଳନ  କରାଯାଉଛି । ପୂଜାମଣ୍ଡପ ଗୁଡ଼ିକରେ ଆଜି ଦଶହରା ପୂଜା  ଏବଂ  ଶାରଦୀୟ ପୂଜାର ଶେଷଦିନରେ ଆଜି ସନ୍ଧ୍ୟାରେ ପବିତ୍ର ବିଜୟାଦଶମୀ ଅବସରରେ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଆୟୋଜନ କରାଯାଉଛି ।

# ନୂଆଦିଲ୍ଲୀ-ରାବଣପୋଡି

ଦିଲ୍ଲୀର ଲାଲକିଲ୍ଲା ମଇଦାନରେ ଦଶହରା ପାଳନ ଉପଲକ୍ଷେ ରାବଣପୋଡି ଉତ୍ସବରେ ଗତକାଲି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ଦେଶବାସୀଙ୍କୁ ଦଶହରା ଶୁଭେଚ୍ଛା ଜଣାଇଥିଲେ ।

## ବିଜୟା ଦଶମୀ ପର୍ବ

ପୁରୀ ଶ୍ରୀମନ୍ଦିରରେ ବିଜୟା ଦଶମୀ ପର୍ବ ଉପଲକ୍ଷେ  ଶ୍ରୀଜୀଉମାନେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ପ୍ରଭୁଙ୍କର ରାଜରାଜେଶ୍ୱର ବେଶ ଦର୍ଶନ କରିବା ମହାପୁଣ୍ୟ  ବୋଲି ପୁରାଣଶାସ୍ତ୍ରରେ ଉଲ୍ଲେଖ ରହିଛି । ମହାପ୍ରଭୁଙ୍କ ଅବକାଶ ନୀତି ପରେ ଚନ୍ଦନଲାଗି ଓ ନୂଆଲୁଗା ଲାଗି କରାଯିବା ପରେ ଶ୍ରୀଜୀଉଙ୍କୁ ସୁନାବେଶ କରାଯିବ। ଶ୍ରୀଜୀଉଙ୍କର ଏହି ଅନନ୍ୟ ଓ ଦୁର୍ଲଭ ବେଶକୁ ଦେଖିବା ପାଇଁ ପୁରୀରେ ଆଜି ଭକ୍ତଙ୍କ ସମାଗମ ହୋଇଛି ।

## ବଳଦ ଶୋଭାଯାତ୍ରା

ଭାଦ୍ରବ ମାସ ଶୁକ୍ଳ ପକ୍ଷ ବିଜୟା ଦଶମୀ ଉପଲକ୍ଷେ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦଶହରା ବଳଦ ଶୋଭାଯାତ୍ରାର ଆୟୋଜନ କରାଯାଇଛି । ବାବା ଆଖଣ୍ଡଳମଣିଙ୍କ ପୀଠରେ  ମା’ ଜୟଦୁର୍ଗାଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀଙ୍କ ପୀଠରେ ମଧ୍ୟ ଦଶହରା ପର୍ବ ପାଳନ ଉପଲକ୍ଷେ ବ୍ୟାପକ ପ୍ରସ୍ତୁତି ଚାଲିଛି ।

## ମୁଖ୍ୟମନ୍ତ୍ରୀ-କେନ୍ଦୁଝର

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଆଜି କେନ୍ଦୁଝରରେ ମା’ ଦୁର୍ଗାଙ୍କର ପୂଜାମଣ୍ଡପ ଗୁଡିକରେ ମା’ଙ୍କୁ ଦର୍ଶନ କରିବେ । ମୁଖ୍ୟମନ୍ତ୍ରୀ ତାଙ୍କର ନିଜ

ଗ୍ରାମ ରାଇସୁଆଁ ଗସ୍ତ କରିବା ପରେ  ଝୁମ୍ପୁରା ଦୁର୍ଗାପୂଜା, ସୁନାରୀପଶି, ଉଖୁଣ୍ଡା ପୂଜାମଣ୍ଡପକୁ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ପଦ୍ମପୁର ଗସ୍ତ କରିବା ପରେ ଅପରାହ୍ନରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ  ଦୁର୍ଗାପୂଜା ଭସାଣ ଓ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଥିବାରୁ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ବନ୍ଦ ରହିବ।

# ସୁଭଦ୍ରା ଯୋଜନା

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପାଇ ନ ଥିବା ମହିଳା ହିତାଧିକାରୀମାନଙ୍କୁ ଖୁବ୍ ଶୀଘ୍ର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଅର୍ଥ ପ୍ରଦାନ କରାଯିବ ବୋଲି  ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଯେଉଁ ହିତାଧିକାରୀ ମାନଙ୍କ ଆବେଦନପତ୍ରରେ ତ୍ରୁଟି ଦୃଷ୍ଟିଗୋଚର ହେଲେ ବ୍ୟକ୍ତିଗତଭାବେ ସେଗୁଡିକର ସମାଧାନ କରାଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

## ପିଏମ୍-ଆରଏସ୍ଏସ୍

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆର୍‌ଏସ୍‌ଏସ୍ ପ୍ରତିଷ୍ଠାର ୧୦୦ତମ ବର୍ଷରେ ପ୍ରବେଶ କରୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂଘର ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀମୋଦୀ କହିଛନ୍ତି ମା' ଭାରତୀଙ୍କ ପ୍ରତି ସଂଗର ସଂକଳ୍ପ ଓ ସମର୍ପଣ ପରବର୍ତ୍ତୀ ପୀଢିକୁ ପ୍ରେରଣା ଯୋଗାଇବ । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ଏହା ନୂତନ ଶକ୍ତି ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଆଶାବ୍ୟକ୍ତ କରିଛନ୍ତି ।

### ଭସାଣ ଟ୍ରାଫିକ କଟକଣା

କଟକ ସହରରେ ଆସନ୍ତାକାଲି ମା' ଦୁର୍ଗାଙ୍କ ଭସାଣ ଉତ୍ସବ ପାଇଁ କମିଶନରେଟ ପୋଲିସ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆସନ୍ତାକାଲି ସକାଳ ୮ଟାରୁ ମଙ୍ଗଳବାର ପ୍ରତିମାଗୁଡ଼ିକ ବିସର୍ଜନ ଶେଷ ହେବା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ମୁଖ୍ୟ ଛକଗୁଡ଼ିକରେ ଟ୍ରାଫିକ ନିୟମ ଅନୁଯାୟୀ ଶୋଭାଯାତ୍ରା ପାଇଁ ଅନୁମତି ଦିଆଯାଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

## ପାଣିପାଗ

ଓଡିଶାରୁ ଆସନ୍ତା ମଙ୍ଗଳବାର ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଗତ କିଛିଦିନ ଧରି ରାଜ୍ୟରେ ମୌସୁମୀର ସ୍ଥିତି ଦୁର୍ବଳ ରହିବା ସହିତ ବର୍ଷାର ପରିମାଣ କମିଛି। ଚଳିତବର୍ଷ ସ୍ୱାଭାବିକ ସମୟର ଚାରିଦିନ ପୂର୍ବରୁ ମୌସୁମୀ ଓଡିଶା ଛୁଇଁଥିଲା । କେରଳ ତଟ ଛୁଇଁବାର ୮ଦିନ ପରେ ମୌସୁମୀ ଓଡିଶା ପ୍ରବେଶ କରିଥିଲା । ଚଳିତବର୍ଷ ମୌସୁମୀ ଋତୁରେ ଜୁନ ପହିଲାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ୧୧ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା । ରାଜ୍ୟରେ ଏହି ସମୟ ମଧ୍ୟରେ ୧ହଜାର ୯୨ମିଲିମିଟର ବର୍ଷା ହୋଇଥିଲା, ଯାହା କି ସ୍ୱାଭାବିକ ବର୍ଷାଠାରୁ ୫ ପ୍ରତିଶତ କମ୍ ଥିଲା । ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା ହୋଇଥିଲା । ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକଠାରୁ ୫୬ ପ୍ରତିଶତ ଏବଂ ନୂଆପଡା ଜିଲ୍ଲାରେ ୧୩ପ୍ରତିଶତ ଅଧିକା ବର୍ଷା ହୋଇଥିଲା । ୨୪ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୪ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିଲ ।

# ପୁରୁଷ କ୍ରିକେଟ - ଟି୨୦

ବାଂଲାଦେଶ ବିପକ୍ଷରେ ତିନିଟିକିଆ ଟି-୨୦ ସିରିଜକୁ ଭାରତ ୩-୦ରେ ଅକ୍ତିଆର କରିଛି । ହାଇଦ୍ରାବାଦଠାରେ ଗତକାଲି ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ମ୍ୟାଚରେ ବାଂଲାଦେଶକୁ ୧୩୩ରନ୍‌ରେ ପରାସ୍ତ କରି ଭାରତ ଏହି ସଫଳତା ପାଇଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା ।

ନିର୍ଦ୍ଧାରିତ ୨୦ ଓଭରରେ ଭାରତ ୬ ଓ୍ୱିକେଟ ବିନିମୟରେ ୨୯୭ରନ୍ ସଂଗ୍ରହ କରିଥିଲା । ସଞ୍ଜୁ ସାମ୍ସନ ୪୭ବଲ୍‌ରେ ୧୧୧ରନ୍‌ରେ ବିସ୍ଫୋରକ ପାଳି ଖେଳିଥିବାବେଳେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୫ବଲ୍‌ରୁ ୭୫ରନ୍ ସଂଗ୍ରହ କରିଥିଲେ ।